# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13 January – 2026

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ହେବ ଶିଳ୍ପାୟନ; କହିଲେ ମୁଖ୍ୟମନ୍ତ୍ରୀ

— କେନ୍ଦୁଝରରେ ୧୯ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୭୧ଟି ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ

- କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ୧୦ ମିନିଟ୍ ଯୋଗାଣ ସେବା ସମୟସୀମା ପ୍ରତ୍ୟାହାର ପାଇଁ ସମ୍ମତ ହେଲେ ଦେଶର ପ୍ରମୁଖ ଯୋଗାଣକାରୀ ସଂସ୍ଥା

- 'ଆମେ ପଢ଼ିବା ଆମ ଭାଷାରେ' ପଞ୍ଚବର୍ଷିୟ ଯୋଜନାର ଶୁଭାରମ୍ଭ

— ବାଲ୍ୟବିବାହ ରୋକିବା ଉଦ୍ଦେଶ୍ୟରେ ଆରମ୍ଭ ହେଲା ୧୦୦ ଦିନିଆ ଅଭିଯାନ

ଏବଂ

- ମକର ସଂକ୍ରାନ୍ତି ଉପଲକ୍ଷେ ଆସନ୍ତାକାଲି ଶ୍ରୀଜୀଉଙ୍କ ମକର ଚଉରାଶୀ ବେଶ

## ମୁଖ୍ୟମନ୍ତ୍ରୀ

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପାୟନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ମାଝୀ ୧୯ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୭୧ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ରାଜ୍ୟର ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ଶିକ୍ଷା ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହୋଇପାରିବ। ବିକଶିତ ଭାରତ ତଥା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ପ୍ରତ୍ୟେକ ନାଗରିକଙ୍କ ବିକାଶ ହେବା ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -(CM)**

କେନ୍ଦୁଝରରେ ମୁଖ୍ୟମନ୍ତ୍ରୀ ଆଜି ଆଂଚଳିକ ଉଦ୍ଭିଦ ଅନୁସନ୍ଧାନ କେନ୍ଦ୍ର, ୧୪୭ଟି ମଡେଲ ଅଙ୍ଗନୱାଡୀ, ୬ଟି ବ୍ଲକ୍‌ରେ ଷ୍ଟାଡିୟମ୍ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିଭଳି ଚମ୍ପୁଆରେ ଫରେଷ୍ଟ ଟ୍ରେନିଂ ସ୍କୁଲ, ଡିଏମ୍ଏଫ୍ ଖଣି ଶକ୍ତିର ଉଦ୍‌ଘାଟନ କରିଛନ୍ତି।

## ଡେଲିଭରୀ ବଏ

ଦେଶର ପ୍ରମୁଖ ଯୋଗାଣକାରୀ ସଂସ୍ଥାଗୁଡ଼ିକ ୧୦ ମିନିଟ୍ ଯୋଗାଣ ସେବା ସମୟସୀମା ପ୍ରତ୍ୟାହାର କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ସରକାରଙ୍କ ହସ୍ତକ୍ଷେପ ପରେ କମ୍ପାନୀଗୁଡ଼ିକ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ

କରାଯାଇଛି । ପ୍ରମୁଖ ଯୋଗାଣକାରୀ ସଂସ୍ଥା ବ୍ଲିଙ୍କ୍ଇଟ୍, ଜେପ୍ଟୋ, ଜୋମାଟୋ ଏବଂ ସ୍ୱିଗି ସମେତ ଅନ୍ୟ ପ୍ଲାଟଫର୍ମଗୁଡ଼ିକ ସହିତ ବୈଠକ ପରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଗିଗ୍ କର୍ମଚାରୀଙ୍କ ପାଇଁ ଏଭଳି ପଦକ୍ଷେପ ଅଧିକ ସୁରକ୍ଷା ଏବଂ ଉନ୍ନତ କାର୍ଯ୍ୟ ପରିସ୍ଥିତିକୁ ସୁନିଶ୍ଚିତ କରିପାରିବ ।

## ସୁଭଦ୍ରା ମେଳା

ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଆସନ୍ତା ୧୮ ତାରିଖ ରବିବାର ଦିନ ସହାୟତାରାଶି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଏହି ପର୍ଯ୍ୟାୟରେ ମୋଟ୍ ୪ ଲକ୍ଷ ୫୭ ହଜାର ୬୮୧ ଜଣ ହିତାଧିକାରୀଙ୍କୁ ୨୫୦ କୋଟି ଟଙ୍କାର ସହାୟତାରାଶି ପ୍ରଦାନ କରାଯିବ । ଏଥିମଧ୍ୟରେ ନୂଆ ୧ ଲକ୍ଷ ୭୮ ହଜାର ୩୯୮ ଜଣ ରହିଛନ୍ତି । ସେହିଭଳି ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ସାମିଲ କରାଯାଇଛି । ଉଭୟ ନୂଆ ଏବଂ ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡିଥିବା ହିତାଧିକାରୀ ଏକାସଙ୍ଗେ ଦୁଇଟି ଲେଖାଏଁ କିସ୍ତି ପାଇବେ । ଏହାସହ ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ।

## ନଅତାଲା

ଭୁବନେଶ୍ୱରସ୍ଥିତ ନଅତାଲା, ସେଚସଦନ ଏବଂ ରାଜୀବ ଭବନ ଭଙ୍ଗାଯିବା ନେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଏସବୁ

କୋଠାଗୁଡ଼ିକ ବିପଦସଙ୍କୁଳ ବୋଲି ଘୋଷଣା ହୋଇସାରିଥିବା ମନ୍ତ୍ରୀ କହିଛନ୍ତି। ୩ଟି ପର୍ଯ୍ୟାୟରେ ଲୋକସେବା ଭବନ ନିର୍ମାଣ ହେବା ସହ ପ୍ରଥମ ପର୍ଯ୍ୟାୟରେ ଲୋକସେବା ଭବନର ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ ହେବ ବୋଲି ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

## ଜି.ରାମ.ଜି-ସମୀକ୍ଷା

ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ୍ ସିହିଣୀ ଗ୍ରାମପଞ୍ଚାୟତରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକ ପଞ୍ଚାୟତରେ ବିକଶିତ ଭାରତ -ଜି.ରାମ.ଜି ଯୋଜନା ଅଧୀନରେ ଚାଲୁଥିବା ପ୍ରକଳ୍ପଗୁଡ଼ିକରେ କ୍ଷେତ୍ର ପରିଦର୍ଶନ କରିଛନ୍ତି।

## ଅଗ୍ନିବୀର ବାୟୁ

ଭାରତୀୟ ବାୟୁସେନାରେ ଅଗ୍ନୀବୀରଙ୍କ ପ୍ରବେଶ ପାଇଁ ଗତକାଲିଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରବେଶ ପାଇଁ ଉଭୟ ପୁରୁଷ ଓ ମହିଳାଙ୍କ ବୟସସୀମା ସାଢ଼େ ସତର ବର୍ଷରୁ ୨୧ ବର୍ଷ ରଖାଯାଇଛି। ଆଶାୟୀମାନେ ଏ ସଂକ୍ରାନ୍ତରେ **www.iafrecruitment.edcil.co.in**ରେ ଅଧିକ ସୂଚନା ପାଇପାରିବେ।

## ଆମେ ପଢ଼ିବା ଆମ ଭାଷାରେ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ଭୁବନେଶ୍ୱର ଲୋକସେବା ଭବନରେ 'ଆମେ ପଢ଼ିବା ଆମ ଭାଷାରେ' ନାମକ ୫ବର୍ଷୀୟ ଯୋଜନାର ଶୁଭାରମ୍ଭ କରିଛନ୍ତି। ଯୋଜନା ଅଧୀନରେ ଜାତୀୟ ଶିକ୍ଷାନୀତି ୨୦୨୦ ସହ ସମନ୍ୱୟରେ ୩ ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରାଯିବ। ଏହା ସହ ବାଲ୍ୟବିବାହକୁ ରୋକିବା ଉଦ୍ଦେଶ୍ୟରେ ୧୦୦ ଦିନିଆ ରାଜ୍ୟସ୍ତରୀୟ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଯୁବ ନେତୃତ୍ୱ, ଆଶା, ଅଙ୍ଗନୱାଡୀ କର୍ମୀ ଓ ବିଭିନ୍ନ ମଞ୍ଚରେ କନ୍ୟା ଶିକ୍ଷା ସଚେତନତା ଓ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯିବ। ଏହି ଅବସରରେ ଶ୍ରୀମତୀ ପରିଡା ସାଇକେଲ ରାଲି, ଯୁବ ସମ୍ମିଳନୀ, ସ୍କୁଲ କଲେଜ୍ ଭିତ୍ତିକ କାର୍ଯ୍ୟକ୍ରମ ଏବଂ ଡିଜିଟାଲ ସଚେତନତା ମାଧ୍ୟମରେ ଅଭିଯାନକୁ ସଫଳ କରାଇବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ବରପାଲିସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନର ନୂତନ ପ୍ରଶାସନିକ ଭବନ ଓ ଆନୁଷଙ୍ଗିକ ସୁବିଧାର ମଧ୍ୟ ଉଦ୍‌ଘାଟନ କରିଛନ୍ତି।

## ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମକର ସଂକ୍ରାନ୍ତି ଅବସରରେ ଶ୍ରୀଜୀଉଙ୍କର ମକର ଚୌରାଶୀ ବେଶ ଅନୁଷ୍ଠିତ ହେବ। ତେବେ ଆଜି ଠାକୁରଙ୍କର ନବାଙ୍କ ବେଶ ସହିତ ଚାଉଳ ମେଳାଣ ଓ ଫୁଲ ମେଳାଣ ଉତ୍ସବ ହେଉଛି। ଦ୍ୱିପହର ଧୂପ ବଢ଼ିଲା ପରେ କୁମ୍ଭାର ବିଶୋୟୀ

ସେବକମାନେ ବାଘମୁହାଁ ବାନ୍ଧି ମା' ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ଘଣ୍ଟ ଛତା କାହାଳୀ ସହିତ ୫ଟି ମକର ତାଡ ଶ୍ରୀମନ୍ଦିରକୁ ବିଜେ କରିଛନ୍ତି। ମକର ତାଡ ଶ୍ରୀମନ୍ଦିର ଭିତର ବେଢ଼ାରେ ଗୋଟିଏ ଥର ବୁଲାଇ ଅଚିନ୍ତା ପହଣ୍ଡି ରୋଷ ବେହରଣ ଠାରେ ରଖାଯାଇଛି।

## ଗୁଡ଼ି ପ୍ରଦର୍ଶନୀ

ମକର ସଂକ୍ରାନ୍ତୀ ଉପଲକ୍ଷେ ଆସନ୍ତାକାଲି ଭୁବନେଶ୍ୱରରେ ଓର୍‌ମାସ୍ ଓ ସୁଭଦ୍ରା ଶକ୍ତି ପକ୍ଷରୁ ଅନୁଷ୍ଠିତ ଶିଶିର ସରସ ମେଳାରେ ଏକ କାଇଟ୍ ସୋ'ର ଆୟୋଜନ କରାଯିବ। ଏହି ଗୁଡି ପ୍ରଦର୍ଶନୀ ଅପରାହ୍ଣ ୪ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ଦର୍ଶକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଦର୍ଶନୀରେ କୌଣସି ମାଞ୍ଜା ବ୍ୟବହାର ନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଗୁଡ଼ି ତିଆରି କଳାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶରେ ଏକ ବିଶେଷ କର୍ମଶାଳାର ଆୟୋଜନ କରାଯିବ ବୋଲି ଜଣାପଡିଛି।

## ପ୍ରସ୍ତୁତି ବୈଠକ

ଆସନ୍ତା ପୁରୀ ରଥଯାତ୍ରା ପର୍ଯ୍ୟନ୍ତ ପ୍ରତି ମାସରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଭୁବନେଶ୍ୱରଠାରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀମତୀ ଗର୍ଗ, ବିଗତ ଦିନରେ ହୋଇଥିବା ତ୍ରୁଟିକୁ ଚିହ୍ନଟ ସହ କିପରି ସୁଧାରି ହେବ ଏବଂ ଆବଶ୍ୟକୀୟ ପଦକ୍ଷେପ ସଂକ୍ରାନ୍ତରେ ରିପୋର୍ଟ ଦାଖଲ ପାଇଁ ସମସ୍ତ

ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ, ପିଇବା ପାଣି, ସ୍ୱଚ୍ଛତା, ଭିଡ ପରିଚାଳନା ଏବଂ ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି।

## ଜଳସୁରକ୍ଷା

ରାଜ୍ୟ ସରକାର କୃଷି ତଥା କୃଷକମାନଙ୍କ ଉନ୍ନତି ଓ କ୍ରମବର୍ଦ୍ଧିଷ୍ଣୁ ଜନସମୁଦାୟର ଖାଦ୍ୟ ସୁରକ୍ଷା ନିମନ୍ତେ ଜଳସୁରକ୍ଷାର ବିକାଶ ଏବଂ ସଫଳ ପରିଚାଳନା ଉପରେ ଗୁରୁତ୍ୱାରୋପ କରୁଛନ୍ତି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ନୟାଗଡ଼ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ଆୟୋଜିତ ବୈଠକରେ ଯୋଗଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି, ନ୍ୟାୟସଙ୍ଗତ ଏବଂ ସମାନତା ଭିତ୍ତିରେ ଜଳ ବ୍ୟବହାରକାରୀଙ୍କ ମଧ୍ୟରେ ଜଳବଣ୍ଟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିପାରିଲେ ଜଳର ସଂରକ୍ଷଣ ହେବା ସହ ଅଧିକ ଫସଲ ଉତ୍ପାଦନ ହୋଇପାରିବ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୨୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜାତୀୟ କର୍ମଶାଳା

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମିଳିତ ସହଯୋଗରେ ଭୁବନେଶ୍ୱରଠାରେ ଦୁଇଦିନିଆ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟର ଖାଦ୍ୟ ବ୍ୟବସ୍ଥାରେ ପୁଷ୍ଟିଯୁକ୍ତ ଧାନ ଉତ୍ପାଦନ ଏବଂ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଛି।

## ଧାନମଣ୍ଡି

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ବ୍ଲକ୍ ଶରଣକୁଳସ୍ଥିତ ବିନାୟକପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ୨୦୨୫-୨୬ ବର୍ଷ ଧାନ ସଂଗ୍ରହ ପାଇଁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ ୫୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଧାନମଣ୍ଡିର ଉଦ୍‌ଘାଟନ କରି କହିଛନ୍ତି, ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରି ଫସଲର ଉଚିତ ମୂଲ୍ୟ ପାଇପାରିବେ। ଏହି ନୂତନ ଉନ୍ନତ ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀଙ୍କ ସୁବିଧା ନିମନ୍ତେ ବିଶ୍ରାମସ୍ଥଳି, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ଖୋଲା ମଣ୍ଡି ଏବଂ ଆଲୋକୀକରଣ ବ୍ୟବସ୍ଥା ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଆକାଂକ୍ଷୀ ଜିଲ୍ଲା

**ନୂଆପଡା** ଜିଲ୍ଲା ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାସ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ ଆଦି କାର୍ଯ୍ୟକ୍ରମର ଅଗ୍ରଗତି ସଂକ୍ରାନ୍ତରେ କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ସମର ନନ୍ଦଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଡ୍ରପ୍‌ଆଉଟ୍ ହାର ହ୍ରାସ କରିବା, ବିଦ୍ୟାଳୟ ଶୌଚାଳୟ ନିର୍ମାଣ ମାନଦଣ୍ଡର ବିକାଶ ପାଇଁ ଶ୍ରୀ ନନ୍ଦ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପାଣି ପଞ୍ଚାୟତ ପକ୍ଷ

**ଢେଙ୍କାନାଳ** ଜିଲ୍ଲା ପୁରୁଣା ଜିଲ୍ଲା ପରିଷଦ ହଲ୍‌ଠାରେ ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଳର ସୁପରିଚାଳନା, ରକ୍ଷଣାବେକ୍ଷଣ ଏବଂ ସଂରକ୍ଷଣ ସଂକ୍ରାନ୍ତରେ କୃଷକମାନଙ୍କ ସହ ଆଲୋଚନା ହୋଇଥିଲା।

**ଦେବଗଡ଼** ଜଳସେଚନ ବିଭାଜନ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ  ଜଳର ସୁପରିଚାଳନା ଏବଂ ବଣ୍ଟନ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

**ଗଜପତି** ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ପାରଳାଖେମୁଣ୍ଡିଠାରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ଚାଷୀମାନଙ୍କ ସହ ଜଳର ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

**ମାଲକାନଗିରି** ଜିଲ୍ଲା ସଂସ୍କୃତିଭବନଠାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୬ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ  କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଯୋଗଦେଇ କୃଷକମାନଙ୍କ ସହ କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଆଲୋଚନା କରିଥିଲେ।

**ଯାଜପୁର, ରାୟଗଡ଼ା, କେନ୍ଦ୍ରାପଡ଼ା ଓ ଗଞ୍ଜାମ** ଜିଲ୍ଲା ଜଳସେଚନ ବିଭାଜନ ପକ୍ଷରୁ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଅନୁଷ୍ଠିତ ହୋଇଯାଇଛି ।

# ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ଶୀତର ଲହରୀ ବୃଦ୍ଧି ପାଇବା ନେଇ ଝାରସୁଗୁଡ଼ା ଓ ଅନୁଗୁଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।